# ପାଳିକରି ଷ୍ଟ୍ରଙ୍ଗ୍‌ରୁମ୍ ଜଗୁଛନ୍ତି କଂଗ୍ରେସ କର୍ମୀ

ରାୟଗଡ଼ା,୧୮।୫(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ଗତ ୧୩ ତାରିଖରେ କୋରାପୁଟ ଲୋକ ସଭା ଆସନ ଏବଂ ରାୟଗଡ଼ାର ୩ ବିଧାନସଭା ପାଇଁ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବିଧାନସଭା ଆସନର ୧୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ରାୟଗଡ଼ା ସହର ଉପକଣ୍ଠ ବାରିଖୋଲାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରାୟଗଡ଼ା ନିର୍ବାଚନମଣ୍ଡଳୀର ଇଭିଏମ୍ ସିଲ୍ ହୋଇ ରଖାଯାଇଛି। ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ପୋଲିସ ଓ ଭିତରେ ସିଆର୍‌ପିଏଫ୍ ଯବାନ ମୁତୟନ ରହିଛନ୍ତି। ୨୪ ଘଣ୍ଟା କଡ଼ା ପ୍ରହରା ମଧ୍ୟରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତଥାପି ଇଭିଏମ୍ ଅଦଳବଦଳ ଆଶଙ୍କାରେ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ କଂଗ୍ରେସ କର୍ମୀମାନେ ପାଳିକରି ଜଗି ବସିଥିବା ଦେଖିବାକୁ ମିଳିଛି। କୋରାପୁଟ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ଓ ବିଧାୟକ ପ୍ରାର୍ଥୀ ନିଜର ପ୍ରତିନିଧି ମୁତୟନ କରିଛନ୍ତି। ୪ ଜଣ ଲେଖାଏଁ ପାଳିକରି ବିଦ୍ୟାଳୟ ବାହାରେ ଟେଣ୍ଟ ମାରି ଜଗୁଥିବା ପରିଲକ୍ଷିତ ହୋଇଛି।

ସକାଳ ୬ରୁ ଅପରାହ୍ଣ ୨, ମଧ୍ୟାହ୍ନରୁ ରାତି ୧୦ଟା ଏବଂ ରାତି ୧୦ ରୁ ସକାଳ ୬ଟା ପର୍ଯ୍ୟନ୍ତ ୪ ଜଣ ଲେଖାଏଁ କର୍ମୀ ପାଳିକରି ଜଗୁଛନ୍ତି। ଏପରିକି ଷ୍ଟ୍ରଙ୍ଗ୍‌ରୁମ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ଭିଡିଓ ଦେଖିବାକୁ ଟେଣ୍ଟ ଭିତରେ ଗୋଟିଏ ଏଲ୍‌ସିଡି ମଧ୍ୟ ଲାଗିଛି। କଂଗ୍ରେସ କର୍ମୀମାନେ ସେହି ଏଲ୍‌ସିଡି ଉପରେ ନଜର ରଖିବା ସହ ବାହାରେ ବୁଲି ପହରା ଦେଉଛନ୍ତି। ରଞ୍ଜନ ତାଡିଙ୍ଗି, ଧବଳେଶ୍ୱର ନାଏକ, ଜଗନ୍ନାଥ ବାଗ, ଶିବ ଖୋସଲା ପ୍ରମୁଖ ଶନିବାର ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ପହରା ଦେଉଥିବା ନଜରକୁ ଆସିଥିଲା। ଶାସକ ଦଳ ଇଭିଏମ୍‌ରେ କିଛି ଓଲଟପାଲଟ କରିବା ସମ୍ଭାବନା ଥିବାରୁ କର୍ମୀ ଜଗିଥିବା କଂଗ୍ରେସ ନେତା ଜଗିଛନ୍ତି। ଜୁନ୍ ୪ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ନିୟମାନୁସାରେ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଜଗିବା ସହିତ ନଜର ରଖିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ମିଳିଛି। ଏ



ବାରିଖୋଲାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ କଂଗ୍ରେସ କର୍ମୀ ପହରା ଦେଉଛନ୍ତି।

### ଇଭିଏମ୍ ଓଲଟପାଲଟ ଆଶଙ୍କା

ସମ୍ପର୍କରେ ବିଜେଡି ଜିଲା ସଭାପତି ଏନ୍. ଭାସ୍କର ରାଓଙ୍କୁ ପଚାରିବାରୁ ଜିଲା ନିର୍ବାଚନ ବିଭାଗ, ପୋଲିସ ପ୍ରଶାସନ ଏବଂ ନିର୍ବାଚନ ଆୟୋଗଙ୍କ ଉପରେ ଆମର ସମ୍ପୂର୍ଣ୍ଣ ଭରସା ରହିଛି । ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁରକ୍ଷିତ ରହିଛି । ଏହାକୁ ସୁରକ୍ଷିତ ରଖିବା ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ବ୍ୟାପକ ପୋଲିସ ଓ ସିଆର୍‌ପିଏଫ୍ ଯବାନ ମୁତୟନ କରାଯାଇଛି । ତେଣୁ ଏଥିରେ କୌଣସି ଦୁର୍ନୀତି ଘଟିବାର ଆଶଙ୍କା ନାହିଁ ବୋଲି ଭାସ୍କର ରାଓ କହିଛନ୍ତି। ସେହିଭଳି ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କୁ ପଚାରିବାରୁ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଆୟୋଗ ନେଇଥିବା ପଦକ୍ଷେପ କାରଣରୁ ଶାନ୍ତିଶୃଙ୍ଖଳାରେ ମେ' ୧୩ରେ ମତଦାନ ଅନୁଷ୍ଠିତ ହୋଇଥିଲା। ସେହିଭଳି ଜୁନ୍ ୪ରେ ଭୋଟ ଗଣତି ପୂର୍ବରୁ ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକରେ ରହିଥିବା ଇଭିଏମ୍‌ର ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିରେ କୌଣସି ଦୁର୍ନୀତି ହେବାର ସମ୍ଭାବନା ନାହିଁ ବୋଲି ଶିବ କହିଛନ୍ତି।

## ତଲାସି ବେଳେ ୩ ମାଓବାଦୀ ଗିରଫ



ମାଲକାନଗିରି,୧୮।୫(ଦୁର୍ଯ୍ୟୋଧନ ପତ୍ର)

ଛତିଶଗଡ ବିଜାପୁର ଜିଲା ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁନା ମୁରମା (୩୨), ମିଳିସିଆ କମାଣ୍ଡର ରାଜୁ ମୁରମା (୩୧), ଡିଏକେଏମ୍‌ଏସ୍ ସଦସ୍ୟ ଲକ୍ଷମୁ ମୁରମା (୩୯) । ବିଜାପୁର ଜିଲା ତୋୟେନାର ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କୁ ଦେଖି ୩ ଜଣ ଜଙ୍ଗଲରେ ଲୁଚି ପଳାଇବାକୁ ଉଦ୍ୟମ କରୁଥିଲେ। ଏହା ଦେଖି ସେମାନଙ୍କ ଉପରେ ସନ୍ଦେହ କରି ୩ ଜଣଙ୍କୁ ଯବାନମାନେ କାବୁକରି ପଚରା ଉଚରା କରିଥିଲେ। ସେମାନେ ୩ ଜଣ ମାଓବାଦୀ ବୋଲି ଯବାନଙ୍କ ନିକଟରେ ସ୍ୱୀକାର କଲାପରେ ସେମାନଙ୍କୁ ଗିରଫ କରିଥିଲେ। ଏହି ୩ ମାଓବାଦୀ ରାସ୍ତା ଖୋଳିବା, ବୋମା ଖଞ୍ଜିବା ଓ ଜଣେ ସରପଞ୍ଚଙ୍କୁ ହତ୍ୟା ଆଦି ଘଟଣାରେ ସାମିଲ ଥିଲେ ।

## ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

### ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା

ମାଲକାନଗିରି,୧୮।୫ (ଦୁର୍ଯ୍ୟୋଧନ ପତ୍ର)

ଯୌତୁକ ପାଇଁ ଝିଅକୁ ପୋଡି ମାରି ଦେଇଥିବା ନେଇ ଅଭିଯୋଗ କରି ନ୍ୟାୟ ଆଶାରେ ଶନିବାର ମାଲକାନଗିରି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ ଓ ଗ୍ରାମବାସୀ। ସୂଚନା ଅନୁଯାୟୀ ମାଲକାନଗିରି ଜିଲା ଏମ୍‌ଭି ୧୦ ଗ୍ରାମର ଗଗନ ମଣ୍ଡଳଙ୍କ ଝିଅ ଶିବାନୀ କୋରାପୁଟ ଜିଲା ପାଡୁଆ ଥାନା ଅନ୍ତର୍ଗତ ପୂଜାରୀଗୁଡ଼ା ଗ୍ରାମରେ ବିମଳ ସିଂଙ୍କ ପୁଅ ପ୍ରଭାସଙ୍କୁ ଗତ ମାର୍ଚ୍ଚ ୧୨ ତାରିଖରେ ବିବାହ କରିଥିଲେ। ଶିବାନୀଙ୍କ ବାପା ଗଗନ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ତାଙ୍କୁ ଅଧିକ ଯୌତୁକ ପାଇଁ ବାରମ୍ବାର ଧମକ ଦିଆଯାଉଥିବା ସହ ଗାଡି ଏବଂ ସୁନା ଗହଣା ଦେବାକୁ ପୁଅ ଘର ଲୋକେ ବାଧ କରୁଥିଲେ। ତେବେ ଅର୍ଥ ଅଭାବ ଯୋଗୁ ଗଗନ ଯୌତୁକ ଦେଇ ପାରୁନଥିବାରୁ ତାଙ୍କ ଝିଅଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେବା ସହ ବାପ ଘରକୁ ଚାଲି ଯିବାକୁ ଧମକ ଦେଉଥିଲେ। ତେବେ ଗତ ୧୩ ତାରିଖରେ ଯୌତୁକ ଲୋଭରେ ଶିବାନୀଙ୍କୁ ମାଡ ମାରି ନିଆଁ ଲଗାଇ ପୋଡିମାରି ଦେଇଥିବା ନେଇ ଜାଣି ବାପା ଗଗନ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନ୍ୟାୟ ପାଇଁ ବର୍ତ୍ତମାନ ଓ ପରିବାର ଲୋକେ ମାଲକାନଗିରି ଏସ୍‌ପି ନିତେଶ ୱାଧୱାନିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ ଜାରି ରହିଛି । ନ୍ୟାୟ ନିଶ୍ଚିତ ମିଳିବ ବୋଲି ୱାଧୱାନି ପ୍ରତିଶ୍ରୁତି ଦେବା ସହ ସେ ଏହା ଉପରେ ସମସ୍ତ ତଥ୍ୟ ସଂଗ୍ରହ କରିବେ ବୋଲି କହିଛନ୍ତି ।


ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ପରିବାର ଲୋକେ ।

## ଯୁବକଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଲେ

ବ୍ରହ୍ମପୁର,୧୮।୫ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ହରିଜନ ସାହିରେ ଜଣେ ଯୁବକଙ୍କ ଉପରେ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗତ ୧୫ ତାରିଖ ରାତି ୮ଟା'ରେ ଦିବାକର ନାୟକଙ୍କ ପୁଅ ସାଲୁ ନାୟକ ଘର ସାମ୍ନାରେ ଠିଆ ହୋଇଥିଲେ। ଟିକରପଡ଼ା ଗ୍ରାମର କିଛି ଯୁବକ ଗାଡିରେ ଆସି ସେଠାରେ ପହଞ୍ଚିଥିଲେ। ସାଲୁଙ୍କୁ ସେମାନେ ଗାଳିଗୁଲଜ କରିବା ସହ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।ଫଳରେ ତାଙ୍କର ପିଠି, ହାତ ଓ ମୁହଁ ପୋଡିଯାଇଛି। ସ୍ଥାନୀୟଲୋକେ ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ।

## ବାସବୀ କନିକା ପରମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ

ଗୁଡାରି,୧୮।୫ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ସହରସ୍ଥିତ ଶ୍ରୀ ବାସବୀ କନିକା ପରମେଶ୍ୱରୀ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଭଗବାନଙ୍କ ଅଭିଷେକ କରାଯାଇଥିଲା। ପରେ ଘୃତ ଆହୁତି ପ୍ରଦାନ ପୂର୍ବକ ହୋମ ଯଜ୍ଞ ହୋଇଥିଲା। ମନ୍ଦିର କମିଟି ସଦସ୍ୟଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟାରେ ଭଗବାନଙ୍କୁ ଧରି ମହିଳା ଓ ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୁରୋହିତ ସୁରେଶ ବାବୁ ଏବଂ ରମଣ ବାବୁ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ।



ଅଭିଷେକ ପରେ ନୂଆ ରୂପରେ ବାସବୀ କନିକା ପରମେଶ୍ୱରୀ। ମନ୍ଦିରରେ ଯଜ୍ଞ କରାଯାଉଛି ।

## ଲୁଟ୍ ପରେ ଲୁଟ୍, ଲୋକେ ଆତଙ୍କିତ

ଚିକିଟି,୧୮।୫(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ କେ. ନୂଆଗାଁ ଥାନା ଅଞ୍ଚଳରେ ଗତ ଏକ ସପ୍ତାହ ମଧ୍ୟରେ ୩ଟି ସ୍ଥାନରୁ ଲୁଟ୍ ହୋଇଥିଲେ ସୁଦ୍ଧା ଆଜିଯାଏ କୌଣସି ଲୁଟେରାଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇପାରୁନାହିଁ। କେ. ନୂଆଗାଁ ଥାନାଠାରୁ ଦେଢ଼ କି.ମି. ଦୂର ଚିକିଟି ବ୍ଲକ ଅନ୍ତର୍ଗତ ବିଏସ୍‌ଏଲ୍‌ଏନ୍‌ପୁର ଗ୍ରାମରେ ୧୩ ତାରିଖ ମଧ୍ୟରାତ୍ରିରେ ନାରାୟଣ ପ୍ରଧାନଙ୍କ ଘରେ ପଶି ବାଡ଼ିପଟ ଗ୍ରୀଲ୍ ତାଡ଼ି ୪ ଭରି ସୁନା ଅଳଙ୍କାର, ୯୦ ଭରି ଓଜନର ରୂପା ଅଳଙ୍କାର ସମେତ ୫୦ ହଜାର ଟଙ୍କାର ଚୋରିକରି ଫେରାର ହୋଇଯାଇଥିବା ବେଳେ ୧୪ ତାରିଖ ମଧ୍ୟରାତିରେ ରାଜେନ୍ଦ୍ର ପ୍ରଧାନ ଓ ତାଙ୍କ ପରିବାର ଶୋଇଥିବା ଅବସ୍ଥାର ସୁଯୋଗ ନେଇ ୨୦ ଭରି ଓଜନର ସୁନା ଅଳଙ୍କାର ଲୁଟ୍ ହୋଇଥିବା ବେଳେ ସବିତା ବିନ୍ଧାଣୀଙ୍କ ଘରୁ ୩ ଭରି ଓଜନର ସୁନା ଅଳଙ୍କାର, ୧୨ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହିସବୁ ଲୁଟ୍ ସଂକ୍ରାନ୍ତରେ କେ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି ଗୋଟିଏ ଘଟଣାର ଅଭିଯୁକ୍ତଙ୍କ ସନ୍ଧାନ ପାଇପାରିନାହିଁ। ତେବେ ଏ ସଂକ୍ରାନ୍ତରେ କେ. ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ପଥରରେ ଛେଚି ହତ୍ୟା ଘଟଣାକୁ ସପ୍ତାହେ ବିତିଲା

## ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଚିକିଟି,୧୮।୫(ପ୍ରକାଶ ଚନ୍ଦ୍ର ସାହୁ)

କେ.ନୂଆଗାଁ ଥାନା ଚିକିଟି ବ୍ଲକ ଅନ୍ତର୍ଗତ ଦେଉଳିଆପଡ଼ା ଗ୍ରାମର ଡାଲାଅଟୋ ମାଲିକ ମିଳନ ସାହୁଙ୍କ ମୃତଦେହ ରବିବାର ଦିଗପହଣ୍ଡି ବ୍ଲକ ନାରାୟଣପୁର ଗ୍ରାମ ନିକଟରୁ ଜବତ ହୋଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ଘଟଣା ବୋଲି ଜଣାପଡ଼ିଥିବା ବେଳେ ପୁଅଙ୍କୁ ହତ୍ୟା କରାଯାଇଛି ବୋଲି ପିତା ଦୁର୍ଯ୍ୟୋଧନ ସାହୁ ଗତ ୧୪ ତାରିଖରେ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। କିନ୍ତୁ ଉକ୍ତ ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଇନାହିଁ। ଏ ନେଇ ପରିବାର ଲୋକେ ଦୁଃଖ ପ୍ରକାଶ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବା ପାଇଁ ପିତା ଦୁର୍ଯ୍ୟୋଧନ ଅନୁରୋଧ କରିଛନ୍ତି। ଅନ୍ୟପଟେ କେ. ନୂଆଗାଁ ଥାନାଧିକାରୀ କିଶୋର ଚନ୍ଦ୍ର ସାମଲ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ମିଳନ ତାଙ୍କ ଡାଲାଅଟୋ ନେଇ ନୂଆପଡ଼ା କଲେଜ ନିକଟକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଥିବା ରାତି ଜଗୁଆଳଙ୍କ ସହ କଥା ହୋଇ ପରେ ଜଣେ ଯୁବକଙ୍କ ବାଇକ୍‌ରେ ବସି କେଉଁଆଡ଼େ ଚାଲିଯାଇଥିଲେ। ରାତି ୧୦ଟା ସୁଦ୍ଧା ମିଳନ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରି କଥା ହୋଇଥିଲେ। ପରେ ମିଳନଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ନାରାୟଣପୁର ଗ୍ରାମ ନିକଟ କେନାଲ ହୁଡ଼ାରେ ପଡ଼ିଥିବା ତାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପୋଲସରା,୧୮।୫(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତ କସିପଡ଼ା ଗ୍ରାମ ନିକଟସ୍ଥ ମାଁ ସିଂହାସନୀ ପୀଠ ମନ୍ଦିରର ପଛ ଗେଟ ନିକଟରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଆସିକା ଅଞ୍ଚଳର ରଘୁନାଥ ନଗରରଅ ମଙ୍ଗଳୁ ସ୍ୱାଇଁ (୩୭)। ଯୁବକ ଜଣଙ୍କ ଜୁଆଖେଳି ଟଙ୍କା ବାକି ହୋଇଥିଲେ। ସେହି ଟଙ୍କା ସେ ଶୁଝି ନପାରିବାରୁ ଆତ୍ମହତ୍ୟା କରିଥିଲେ। ପୋଲସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

## ଟ୍ରକ୍‌କୁ ଧକ୍କା ଦେଲା କାର, ଜଣେ ମୃତ

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଜୟନ୍ତୀଗିରି କେନାଲ ନିକଟରେ ଶନିବାର ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ଜୟନ୍ତୀଗିରି କେନାଲ ନିକଟରେ ଏକ ଟ୍ରକ୍ ଦୁର୍ଘଟଣାର ଶିକାର ହୋଇ ଠିଆ ହୋଇଥିଲା। ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୭ ଟାରେ ଛତିଶଗଡ଼ ନମ୍ବର ବିଶିଷ୍ଟ ଏକ କାର ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ଉକ୍ତ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ କାରରେ ଥିବା ଜଣଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ କାରରେ ଥିବା ଅନ୍ୟ ୩ଜଣ ଆହତ ହୋଇଥିଲେ। ତାଙ୍କୁ ଜୟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ପଠାଯାଇଛି। ଖବରପାଇ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ମୃତକ ଓ ଆହତଙ୍କ ପରିଚୟ ମିଳିପାରିନାହିଁ।

## ଅମ୍ବାଦଳା ଅଞ୍ଚଳରେ ହାତୀପଲ ଆତଙ୍କ

ମୁନିଗୁଡ଼ା,୧୮।୫ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ରେଞ୍ଜ ଅନ୍ତର୍ଗତ ଅମ୍ବାଦଳା ବନଖଣ୍ଡ ଅଞ୍ଚଳରେ ୨୨ ଟିକିଆ ହାତୀପଲ ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗୁରୁବାର ମଧ୍ୟରାତ୍ରୀରେ ଅମ୍ବାଦଳା ବନଖଣ୍ଡ ଅଞ୍ଚଳର ମାଲିଗାଁ, ବୁଜିବାଙ୍ଗ ଗ୍ରାମକୁ ହାତୀପଲ ପଶି ଆସିଥିଲେ। ତେବେ ଗ୍ରାମବାସୀ ହାତୀପଲକୁ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ଏହି ପଲରେ ୨୨ଟି ହାତୀ ଥିବାବେଳେ ଏମାନେ କନ୍ଧମାଳ ଜିଲା ଘୁମୁସର ବନଖଣ୍ଡରୁ ଆସିଥିବା ଅନୁମାନ କରାଯାଉଛି । ସବୁ ବର୍ଷ ଭଳି ହାତୀପଲ ଖାଦ୍ୟ ସନ୍ଧାନରେ ଉକ୍ତ ଅଞ୍ଚଳକୁ ଆସିଥିବା କୁହାଯାଉଛି ।

ଗ୍ରାମବାସୀଙ୍କ କହିବାନୁଯାୟୀ, ଗୁରୁବାର ମଧ୍ୟରାତ୍ରୀରେ ଏହି ହାତୀପଲ ମାଲିଗାଁ, ବୁଜିବାଙ୍ଗ ଗ୍ରାମରେ ପଶି ଆମ୍ବ, ପଣସ ସମେତ ଧାନ ଫସଲ ନଷ୍ଟ କରିଛନ୍ତି । ଏବେ ସେମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଅନୁମାନ କରାଯାଉଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ହାତୀଙ୍କ ପାଦ ଚିହ୍ନ ପଡିଥିବା ଦେଖିବାକୁ ମିଳିଛି । ଖବର ପାଇବା ପରେ ମୁନିଗୁଡା ରେଞ୍ଜର ଅନିଲ ବାଲାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଗଠନ କରାଯାଇ ହାତୀପଲଙ୍କ ଉପରେ ନଜର ରଖାଯାଇଛି। ଟିମ୍‌ରେ ଅମ୍ବାଦଳା ଫରେଷ୍ଟର ସୁରେଶ ଚନ୍ଦ୍ର ପାତ୍ର,ଗାର୍ଡ ପ୍ରଳୟ ଦଣ୍ଡସେନା, ଏଲଫ୍ୟାଣ୍ଟ ବୟ ପିତାମ୍ବର ଗୌଡ଼, ଗୌର ପାତ୍ର, ସାନବୁଡା ନାୟକ, ପଦ୍ମନାଭ ପ୍ରଧାନୀ ପ୍ରମୁଖଙ୍କ ସହ ଅନ୍ୟମାନେ ଦିନ ରାତି ହାତୀପଲକୁ ଗୋଡ଼ାଇବାରେ ଲାଗି ପଡିଛନ୍ତି।


ଅମ୍ବାଦଳା ବନଖଣ୍ଡ ଅଞ୍ଚଳରେ ବୁଲୁଥିବା ହାତୀପଲ।

## ଅସ୍ଥାୟୀ ରାସ୍ତାରେ ଫସିଲା ଟ୍ରକ୍, ଜରିମାନା ଆଦାୟ


ଜୟପୁର ପୌରପାଳିକା ପକ୍ଷରୁ ରାସ୍ତାରେ ଫସିଥିବା ଟ୍ରକ୍‌କୁ କ୍ରେନ୍ ସାହାଯ୍ୟରେ କଢ଼ାଯାଉଛି।

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

ଜଗନ୍ନାଥ ସାଗରର ପୁନଃ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରସ୍ତାକୁ ଖୋଳି ସାଗରର ପାଣି ନିଷ୍କାସନ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇ ଅସ୍ଥାୟୀ ରାସ୍ତା କରାଯାଇଛି। ଉକ୍ତ ରାସ୍ତାରେ ବଡ଼ଯାନ ଯିବାକୁ ବାରଣ କରାଯାଇଛି।

### ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର

ନିର୍ଦ୍ଦେଶନାମା ଦେଖା ହେବା ସହ ଜୟପୁର ପୌରପାଳିକା ଦ୍ୱାରା ସଚେତନ ମଧ୍ୟ କାରାଯାଉଛି। କିନ୍ତୁ ଏହାକୁ ଅବମାନନା କରି ବଡ଼ ଟ୍ରକ ଯିବା ଆସିବା କରୁଥିଲା। ଶନିବାର ସକାଳୁ ଏକ ୧୪ ଚକିଆ ତେଲ ବୋଝେଇ ଟ୍ରକ୍ ଜୟନଗର ଅଭିମୁଖେ ଯାଉଥିବା ସମୟରେ ରାସ୍ତା ଦବି ଯାଇଥିଲା। ସୂଚନା ପାଇ ଜୟପୁର ପୌରପାଳିକା ପକ୍ଷରୁ ଟ୍ରକ୍‌ଟିକୁ କ୍ରେନ ସହାୟତାରେ ବାହାର କରାଯାଇଛି। ଏନେଇ ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଆରଟିଓଙ୍କ ସହାୟତାରେ ୭ ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ବେପାରୁଆ ଗାଡ଼ି ଚାଳନା ଅଭିଯୋଗରେ ଜରିମାନା ଆଦାୟ କରାଯାଇଥିବା ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଯାତ୍ରା ପାଇଁ ଶୁଭଖୁଣ୍ଟି

-୨୭ରୁ ଆରମ୍ଭ ହୋଇ ୫ରେ ସରିବ ଅଗ୍ନି ଗଙ୍ଗା ମା'ଙ୍କ ଘଟ ଯାତ୍ରା



ସୁନାବେଡ଼ା/ସେମିଳିଗୁଡ଼ା,୧୮।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ ସେମିଳିଗୁଡା ପ୍ରସିଦ୍ଧ ଅଗ୍ନି ଗଙ୍ଗା ମା'ଙ୍କ ନବଦିନାତ୍ମକ ଘଟ ଯାତ୍ରା। ଏହି ଯାତ୍ରା ଜୁନ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଗ୍ନି ଗଙ୍ଗା ମା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଶନିବାର ପୂଜା କମିଟି ତରଫରୁ ଶୁଭ ଖୁଣ୍ଟି ସ୍ଥାପନା କରାଯାଇଛି। ପୂଜା କମିଟି ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମନ୍ଦିର ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏହି ଖୁଣ୍ଟି ସ୍ଥାପନା କରାଯାଇଥିଲା। ଏହି ସମୟରେ ପୂଜା କମିଟି ସଦସ୍ୟ ଡ. ଏଲ୍. ପ୍ରଦୀପ ପାତ୍ର, ସୁବ୍ରତ ନାୟକ, ଏ. ରାମ କ୍ରିଷ୍ଣା, ଭେଙ୍କଟ ରାଓ, ରାଧା, ବିଟୁ ନାୟକ ଓ ସୁରଜ ପଡ଼ାଲ ପ୍ରମୁଖ ଉପସ୍ଥିତ ଥିଲେ।

## ବିଷପିଇ ନବବିବାହିତାଙ୍କ ମୃତ୍ୟୁ ଅଭିଯୋଗ

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

ବିଷପାନ କରିବାରୁ ଜଣେ ନବବିବାହିତା ମହିଳାଙ୍କ ମୃତ୍ୟୁ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ବାରିଣିପୁଟର ସୁଲତା ପରଜା (୧୯)। ପୋଲିସ ସୂଚନାନୁଯାୟୀ ବାରିଣୁପଟର ସୁଲତା ପରଜା ୧ ବର୍ଷ ତଳେ ବୁଦୁରା ପରଜାଙ୍କୁ ପ୍ରେମ ବିବାହ କରିଥିଲେ। ଶାଶୁ ଘରେ ତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ସେ ଏହାକୁ ସହି ନ ପାରି ବିଷ ପିଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୁଲତା ବିଷପାନ କରିଥିବା ଜାଣି ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସ୍ୱାମୀ ଓ ପାରିବାର ଲୋକ ନିର୍ଯ୍ୟାତନା ଦେଉଥିବା ସୁଲତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ପାଣି ପାଇଁ ବିଦ୍ୟୁତ୍ କାଟିଦେଲା ପଡ଼ୋଶୀ ଗାଁ

**ମାଲିମୁଣ୍ଡାରେ ପାନୀୟ ଜଳ ସଙ୍କଟ, ୩ ଦିନ ହେବ ଅନ୍ଧାରରେ ଗ୍ରାମବାସୀ**

କୋରାପୁଟ,୧୮।୫(ଅମିତାଭ ବେହେରା)

ପାଣିକୁ ନେଇ ୨ ଗାଁ ମଧ୍ୟରେ ଗଣ୍ଡଗୋଳ। ପାଣି ପାଇଁ ପଡୋଶୀ ବିଲଙ୍ଗସିଲ ଗ୍ରାମବାସୀ କରେଣ୍ଟ କାଟିଦେଇଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ମାଳିମୁଣ୍ଡାବାସୀ। ଫଳରେ ପାଣି ସମସ୍ୟା ସହ ଏବେ ପ୍ରାୟ ୩ ଦିନ ହେବ ଅନ୍ଧାରରେ ଥିବା ମାଳିମୁଣ୍ଡା ଗ୍ରାମବାସୀ କହିଛନ୍ତି।

ସୂଚନାନୁଯାୟୀ, ମାଳିମୁଣ୍ଡା ଗ୍ରାମରେ ୨୧୫ରୁ ଊର୍ଦ୍ଧ୍ୱ ପରିବା ରହୁଛନ୍ତି। ଏଠାରେ ୪ ଟି ନଳକୂପ ରହିଛି। କିନ୍ତୁ ୨ଟି ନଳକୂପ ଠିକ ଭାବେ କାମ କରୁଥିବାବେଳେ ବାକି ୨ଟି ବନ୍ଦ ରହିଛି। ତେଣୁ ଲୋକେ ପାଣି ସମସ୍ୟା ଭୋଗୁଥିଲେ। ଏହି ସମସ୍ୟା ସମାଧାନ ପାଇଁ ଗାଁ ନିକଟ ଯାତ୍ରାଗାଡ଼ ପାଖରେ ବସୁଧା ଯୋଜନାରେ ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଉକ୍ତ ପ୍ରକଳ୍ପ ପାଣି ବିଲଙ୍ଗସିଲ ଗ୍ରାମରୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଉକ୍ତ ପ୍ରକଳ୍ପରୁ ପାଣି ନେବା ନେଇ ମାଳିମୁଣ୍ଡା ଓ ବିଲଙ୍ଗସିଲ ଗ୍ରାମବାସୀ ମଧ୍ୟରେ କିଛି ଦିନ ହେଲା ପାଟିତୁଣ୍ଡ ହୋଇଛି। ତେଣୁ ବିଲଙ୍ଗସିଲ ଗ୍ରାମବାସୀ ପ୍ରକଳ୍ପ ଓ ମାଳିମୁଣ୍ଡା ଗ୍ରାମକୁ ସଂଯୋଗ କରୁଥିବା ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଇଛନ୍ତି। ତେଣୁ ୩ ଦିନ ହେବ ପ୍ରକଳ୍ପରୁ ପାନୀୟ ଯୋଗାଣ ବନ୍ଦ ରହିଥିବାବେଳେ ମାଳିମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଛି। ଗ୍ରାମବାସୀ ଉଭୟ ପାନୀୟ ଜଳ ଓ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଶନିବାର ଉମ୍ଭନାଥ ଖରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କୋରାପୁଟ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବା ସହ ଦାବିପତ୍ର ଦେଇଛନ୍ତି। ସେହିପରି ବିଦ୍ୟୁତ୍ କାଟିଥିବା ବିଲାଙ୍ଗସିଲ ଗ୍ରାମବାସୀଙ୍କ ବିରୋଧରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିବେ ବୋଲି ମାଳିମୁଣ୍ଡା ଗ୍ରାମବାସୀ କହିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ମାଳିମୁଣ୍ଡା ଗ୍ରାମର କୁନୁ ନାୟକ, ପୂର୍ଣ୍ଣ ହନ୍ତାଳ, ଗୁରୁବାରି ହନ୍ତାଳ, ଲକ୍ଷ୍ମୀ ହନ୍ତାଳ, କୁମ ଗୋଲରୀ, ଟିବୁ ଖରା, ଶ୍ରମ ସୁନ୍ଦର ହନ୍ତାଳ, ରାମଚନ୍ଦ୍ର ହନ୍ତାଳ, ଦନମତି ହନ୍ତାଳ, ସମାରି ହନ୍ତାଳ, ବଳରାମ ହନ୍ତାଳ, ମୁଦୁ ଗୁଣ୍ଡା, ସନି ଗୁଣ୍ଡା ଆଦି ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିବା ମାଳିମୁଣ୍ଡା ଗ୍ରାମବାସୀ।

## ଦୁର୍ଗା ଶଙ୍କର, ବୀରେନ କଂଗ୍ରେସରୁ ନିଲମ୍ବିତ

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସର ପୂର୍ବତନ ସଭାପତି ଦୁର୍ଗା ଶଙ୍କର ସାହୁ ଏବଂ ପୂର୍ବତନ କଂଗ୍ରେସ ସେବାଦଳ ରାଜ୍ୟ ମୁଖ୍ୟ ତଥା ପିସିସି ସଦସ୍ୟ ବୀରେନ ମୋହନ ପଟ୍ଟନାୟକଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ କଂଗ୍ରେସ ଶୃଙ୍ଖଳା କମିଟି ଅଧକ୍ଷ ସନ୍ତୋଷ ସିଂ ସାଲୁଜା ପ୍ରେସ ବିଜ୍ଞପ୍ତି ଜାରି କରିଥିବା ଜଣାଯାଇଛି। ଦଳର ନୀତି ଓ ଆଦର୍ଶ ବିରୋଧରେ କାର୍ଯ୍ୟକରି ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଉଭୟଙ୍କୁ ୬ ବର୍ଷ ନିମନ୍ତେ ବହିଷ୍କାର କରାଯାଇଥିବା ଜଣାପଡ଼ିଛି।

## ମା' ବାସବୀ କନ୍ୟକାପରମେଶ୍ୱରୀଙ୍କ ଜନ୍ମଦିନ ପାଳିତ

ଜୟପୁର, ୧୮।୫
(ପବନ ପାଣିଗ୍ରାହୀ)



କଳିଙ୍ଗ ବୈଶ୍ୟ ସମାଜର ଅଧିଷ୍ଠାତ୍ରୀ ଦେବୀ ମା ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମଦିନ ଜୟପୁର ପାଳନ କରାଯାଇଛି। କଳିଙ୍ଗ ବୈଶ୍ୟ ସମାଜର ଛୋଟ ଛୋଟ ଝିଅଙ୍କ ସହ ମହିଳାମାନେ ଏକ ବିରାଟ ପଟୁଆରରେ ଜଗନ୍ନାଥ ସାଗରରୁ କଳସୀରେ ପାଣି ଆଣି ମହରଣିପେଟାସ୍ଥିତ ମା' ବସବି କନ୍ୟକାପରମେଶ୍ୱରୀଙ୍କ ମନ୍ଦିରରେ ଅଭିଷେକ ସହ ପୂଜାର୍ଚ୍ଚନା କରିଥିଲେ। ପରେ ପୂଜକଙ୍କ ମନ୍ତ୍ର ଉଚ୍ଚାରଣ ସହ ହୋମ କରିଥିଲେ। ମଧ୍ୟାହ୍ନରେ ମନ୍ଦିର ପରିସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରରେ ରୀତିନୀତି ଅନୁସାରେ କୁଙ୍କୁମ ପୂଜା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମାଙ୍କୁ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ମା' ମନ୍ଦିରକୁ ଫେରିବା ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଜନ୍ମୋତ୍ସବ କାର୍ଯ୍ୟକ୍ରମରେ ବୈଶ୍ୟ ସମାଜର ବରିଷ୍ଠ ସଦସ୍ୟ ସାନା ଭେଙ୍କଟ ରାବାନା, ପି. ସୁରେଶ, ଲାଡ଼ି ଶ୍ରୀନୁ, ଜି.ବସନ୍ତ ରାଓ, ରାଜ ଶେଖର ରାଓ, ପି. କ୍ରିଷ୍ଣା ରାଓ, ଚନ୍ଦ୍ରଶେଖର, ଦିଲୀପ କୁମାରଙ୍କ ସମେତ ମା ବାସବୀ କନ୍ୟାକା ପରମେଶ୍ୱରୀ ମନ୍ଦିର ପରିଚାଳନା କମିଟି ସମସ୍ତ ସଦସ୍ୟ ଓ ଯୁବକ ସମାଜ କର୍ମକର୍ତ୍ତା ସହଯୋଗ କରିଥିଲେ।

# କଳାଜିରା ଧାନ ବିହନ ବଣ୍ଟନ ନେଇ ବୈଠକ




କଳାଜିରା ଧାନ ବିହନ ବଣ୍ଟନ ଓ ହିତାଧିକାରୀ ଚୟନ ନେଇ ଦୟାନିଧିଗୁଡାରେ ବୈଠକ ଚାଲିଛି।

କୋରାପୁଟ,୧୮।୫
(ଅମିତାଭ ବେହେରା)

କୋରାପୁଟ ଜିଲାରେ ଆସନ୍ତା ଖରିଫ ଋତୁରେ ପ୍ରଗତି ଅନୁଷ୍ଠାନ ଦ୍ୱାରା ପରିଚାଳିତ ଜୈବିକ ଶ୍ରୀ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ବ୍ୟାପକ ଭାବେ କଳାଜିରା ଧାନ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଶନିବାର କୋରାପୁଟ ବ୍ଲକର ଦୟାନିଧିଗୁଡା ଗ୍ରାମରେ କଳାଜିରା ଧାନ ବିହନ ବଣ୍ଟନ ଓ ହିତାଧିକାରୀ ଚୟନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋରାପୁଟ ଜୈବିକ ଶ୍ରୀ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୁରଲିଧର ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ଜୈବିକ ଶ୍ରୀ ଏଫପିସିର ସଦସ୍ର ସାମୁଏାଲ ମାଝି, ଟଙ୍କଧର, କାମାକ୍ଷା ଦାସଙ୍କ ସମେତ ପ୍ରଗତିର କର୍ମକର୍ତ୍ତା ଓ ବହୁ ଚାଷୀ ଯୋଗଦେଇ କଳାଜିରା ଧାନ ଚାଷ ନେଇ ବିହନ ବଣ୍ଟନ ଓ ହିତାଧିକାରୀ ଚୟନ ଉପରେ ଆଲୋଚନା କରିଥିଲେ। ସୂଚନା ଥାଉକି, କୋରାପୁଟର କଳାଜିରା ଧାନକୁ ଜିଆଇ ଟ୍ୟାଗ ମାନ୍ୟତା ପରେ ଏହି ଧାନର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି। ଏହି ଦୃଷ୍ଟିରୁ ଚଳିତ ବର୍ଷ ଜିଲାର କୋରାପୁଟ, ବୋରିଗୁମ୍ମା, ଜୟପୁର, କୋଟପାଡ ଆଦି ବହୁ ବ୍ଲକ ଅଞ୍ଚଳରେ ଜୈବିକ ଶ୍ରୀ ଅନୁଷ୍ଠାନ ପକ୍ଷରୁ ଚାଷୀଙ୍କୁ ମାଗଣାରେ ଧାନ ବିହନ ଯୋଗାଇ ଦିଆଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି।

## ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ସେମିଳିଗୁଡା/ସୁନାବେଡା,୧୮।୫
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଦୁଧାରୀ ଗାଁ ନିକଟରେ ଥିବା ଏକ ପୋଖରୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଭାସମାନ ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ପେଣ୍ଡାଜାମ ଗାଁର ଜୁଲମେଇ ଯାନୀ ଓରଫ ଦିଶାରୀ (୬୦)।

ପୋଲିସ ସୂଚନା ମୁତାବକ ଜୁଲମେଇ କିଛି ଦିନ ହେବ ଦୁଧାରୀ ଗାଁ ରେ ତାଙ୍କ ସ୍ୱାମୀ ବନ୍ଧୁରୁ ଦିଶାରୀଙ୍କ ସହ ମିଶି ରହୁଥିଲେ। ଗତ ଗୁରୁବାର ବଜାର ଯିବେ ବୋଲି ଘରୁ ସେ ଘରୁ ବାହାରି ଥିଲେ। କିନ୍ତୁ ବହୁ ଖୋଜାଖୋଜି ପରେ ମଧ ଜୁଲମେଇଙ୍କ କୌଣସି ଖବର ମିଳି ନ ଥିଲା। ଏହା ମଧ୍ୟରେ ଶନିବାର ପୋଖରୀରେ ତାଙ୍କ ମୃତଦେହ ଭାସମାନ ଅବସ୍ଥାରେ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ସେମିଳିଗୁଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କ ମୃତଦେହକୁ ଜବତ କରିଥିଲେ। ଏଥିସହ ସେମିଳିଗୁଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କେସ୍ ନଂ ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ଥାନା ପକ୍ଷରୁ ଏସ୍ଆଇ ବାବାଜୀ ଚରଣ କୁଅଁର ଏହାର ତଦନ୍ତ କରୁଛନ୍ତି। ଜୁଲମେଇ ମାନସିକ ଅନଗ୍ରସର । ସେ ସେ ପୋଖରୀକୁ ଶୌଚ କିମ୍ବା ପାଣି ପିଇବାକୁ ଯିବାବେଳେ କୌଣସି କାରଣ ବଶତଃ ବୁଡ଼ି ଯାଇଥିବା ପୋଲିସ ସନ୍ଦେହ କରୁଛି।

## କଣ୍ଟାଗୁଡ଼ା ତ୍ରିନାଥ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ



ଦାମନଯୋଡି,୧୮।୫
(ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ଉପକଣ୍ଠସ୍ଥ ନାଲ୍କୋ ବିସ୍ଥାପିତ କଣ୍ଟାଗୁଡା କଲୋନୀସ୍ଥିତ ତ୍ରିନାଥ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶୁକ୍ରବାର ଘଟ ଆମନ୍ତ୍ରଣ ସହ କଳସ ଶୋଭାଯାତ୍ରା କରାଯାଇଥିଲା। ଶତାଧିକ ମହିଳା ଏହି ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଶନିବାର ସକାଳେ ତ୍ରିନାଥ ଦେବଙ୍କ ମଙ୍ଗଳ ଆଳତି ଓ ଉପଚାର ପୂଜା ପରେ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳରୁ ୧୦ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ମହିଳାମାନେ ସଙ୍କୀର୍ତ୍ତନ ଦଳଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ସୁନାବେଡ଼ାରୁ ଆସିଥିବା ବୈଷ୍ଣବ ଭଗବାନ ଦାସ ଓ ଉପେନ୍ଦ୍ର ତ୍ରିପାଠୀ ନାମଯଜ୍ଞ ଏବଂ ମନ୍ଦିରର ଦୈନନ୍ଦିନ ପୂଜକ ନିମାଇଁ ଚୌଧୁରୀ ତ୍ରିନାଥ ଦେବଙ୍କ ପୂଜାନୀତି କରିଥିଲେ। ଅନାଦି ଲାମତା ସ୍ତ୍ରୀ ସଂଯୁକ୍ତାଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କମିଟି ପକ୍ଷରୁ ସଭାପତି ମାନସ ରଞ୍ଜନ ରାଜୁ, ସମ୍ପାଦକ ମୁରଲୀ ଲାମତାଙ୍କ ସମେତ କୃତ୍ତିବାସ ରାଜୁ, ଅଭିମନ୍ୟୁ ରାଜୁ, ରଘୁନାଥ ଗୁଣ୍ଡା, ଲକ୍ଷ୍ମଣ ଗୁଣ୍ଡା, ଯୁଧିଷ୍ଠିର ଦଳେଇ, ନବକିଶୋର ପୂଜାରୀ, ପୁରୁଷୋତ୍ତମ ପାତ୍ର, ଶିବ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। କଣ୍ଟାଗୁଡା ଯୁବକ ସଂଘ, ବରିଷ୍ଠ ନାଗରିକ ଓ ମହିଳାମାନେ ଏଥିରେ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଲା ବୁଲେଟ, ବାଇକ, ସ୍କୁଟି

ଜୟପୁର, ୧୮।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ନୂଆସାହି ପାର୍କ ଲାଇନର ସାତ ଭଉଣୀ ମନ୍ଦିର ନିକଟରେ ରହୁଥିବା ଭୋଗ ମୋହନ ଖରାଙ୍କ ଘରେ ଅଗ୍ନିକାଣ୍ଡ ଘଟି ବୁଲେଟ, ବାଇକ୍ ଓ ସ୍କୁଟି ଆଦି ଜଳିଯାଇଛି। ଘରେ କେହି ନ ଥିବାରୁ ତାଲା ପଡ଼ିଥିଲା। ଘର ପରିସର ଗ୍ୟାରେଜରେ ବୁଲେଟ, ବାଇକ, ୨ଟି ସ୍କୁଟି ଓ ୨ଟି ସାଇକେଲ ଥିବାବେଳେ ଶନିବାର ସକାଳେ ସେ ସବୁ ଜଳିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଜୟପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଜୟପୁର ଦମକଳ ବାହିନୀର ଚିତ୍ତରଞ୍ଜନ ପାଣ୍ଡିଆ, ଟଙ୍କଧର ଦୁରିଆ, ବଳରାମ ବେହେରା, ବିକ୍ରମ ପ୍ରଧାନ, ହେମ ରାଞ୍ଜ ସାହୁ ପ୍ରମୁଖ ନିଆଁକୁ ଆୟତ୍ତ କରିଥିଲେ। ସର୍ଟ ସାର୍କିଟରୁ ଏହି ଦୁର୍ଘଟଣା ଘଟିଥିବା ଦମକଳ ବାହିନୀର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ୪୭ ଘଣ୍ଟା ପରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ନନ୍ଦପୁର/କୋରାପୁଟ,୧୮।୫
(ଶଙ୍କର ପୂଜାରୀ/ଅମିତାଭ ବେହେରା)

- ନଦୀ ଘାଟରେ ଡଙ୍ଗାବୁଡ଼ି ଘଟଣା
- ସହାୟତା ଦେବାକୁ ସରପଞ୍ଚ, ଅଞ୍ଚଳବାସୀଙ୍କ ଦାବି

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ଜବାଗଡ଼ ନଦୀଘାଟରେ ଗୁରୁବାର ଦିନ ଡଙ୍ଗାବୁଡ଼ି ଘଟଣାରେ ନିଖୋଜ ଥିବା ସୁକୁ ପ୍ରଧାନୀ (୩୫)ଙ୍କ ମୃତଦେହ ଶନିବାର ସକାଳେ କୋରାପୁଟ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଦୀର୍ଘ ୪୭ ଘଣ୍ଟାର ପରିଶ୍ରମ ପରେ ମୃତଦେହ ଉଦ୍ଧାର କରାଯାଇଥିବା ନେଇ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ସୂଚନା ଦେଇଛନ୍ତି।

ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୃଙ୍କ ସୂଚନା ମୁତାବକ ନନ୍ଦପୁର ଅଗ୍ନିଶମ ବାହିନୀ, ତହସିଲଦାର, ଏସଡିପିଓ, ମାଛକୁଣ୍ଡ ଥାନାଧିକାରୀଙ୍କ ଉପସ୍ଥିତିରେ କୋରାପୁଟ ଓଡ୍ରାଫ ଦଳ ସୁକୁଙ୍କୁ ଖୋଜାଖୋଜି କରିଥିଲେ। ଶନିବାର ସକାଳ ୭ଟାରେ ଉଦ୍ଧାରକାରୀ ଦଳ ମୃତଦେହକୁ ପାଣିରୁ ଆଣିଥିଲେ। ସ୍ତ୍ରୀ ସୁମତି ପ୍ରଧାନୀଙ୍କ ଏତଲା କ୍ରମେ ମାଛକୁଣ୍ଡ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇ ଥିବା ଥାନାଧିକାରୀ କରୁଣାକର ଶବର ସୂଚନା ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୁକୁ ପରିବାରରେ ଏକମାତ୍ର ରୋଜଗାରିଆ ଥିବାରୁ ସ୍ଥାନୀୟ ଲୋକେ ରେଡକ୍ରସ ପାଣ୍ଠିରୁ ସହାୟତା ଦେବାକୁ ନନ୍ଦପୁର ତହସିଲକୁ ଅନୁରୋଧ କରିଥିଲେ। କିନ୍ତୁ ପରିବାରକୁ ପରବର୍ତ୍ତୀ ସମୟରେ ସିଏମଆର୍ଏଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ତ୍ରିନାଥ ସୀସା କହିବା ସହ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ବାରଣ କରିଥିଲେ। ଏହାକୁ ନେଇ ସରପଞ୍ଚଙ୍କ ସମେତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଓ ନନ୍ଦପୁର ତହସିଲ ପରିବାରର ଆର୍ଥିକ ସ୍ଥିତି ଦେଖି ରେଡକ୍ରସ ସହାୟତା ପ୍ରଦାନ କରିବାକୁ ପୁନଃ ବିଚାର କରନ୍ତୁ ବୋଲି ସରପଞ୍ଚ ଦାବି କରିଛନ୍ତି। ସରପଞ୍ଚଙ୍କ ଅନୁରୋଧ ସମ୍ପର୍କରେ ଜିଲା ଏସ୍ଆରସି ଡିପିଓ ଅବନୀ କୁମାର ଭୂୟାଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁଥିବାରୁ ସହାୟତା କଟକଣା ଲାଗୁ ହୋଇଥିଲା। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୁପାରିସ କରାଯାଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଅଟୋ ଧକ୍କାରେ କଲେଜ ଛାତ୍ର ମୃତ**

ଲକ୍ଷ୍ମୀପୁର, ୧୮।୫ (ଅନନ୍ତ ନାୟକ)

ଦୁର୍ଘଟଣାରେ କୋରାପୁଟ ଆମ୍ବେଡକର କଲେଜର ଜଣେ ଯୁକ୍ତ ୨ୟ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୌଡଗୁଡ଼ା ପଞ୍ଚାୟତ ଖଜୁରିପୁଟ ଗ୍ରାମର ମହେଶ୍ୱର ଜାନିଙ୍କ ପୁଅ ସୁନୀଲ (୧୮)। କ୍ଷତିପୂରଣ ଦାବିରେ ପରିବାର ଓ ସମ୍ପର୍କୀୟଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ସୁନୀଲ ଦାମନଯୋଡ଼ି ରାସ୍ତାରେ ବାଇକ୍‌ରେ ଯିବା ସମୟରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ କାକିରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ପରିବାର ଲୋକେ କକିରିଗୁମ୍ମାରେ ଅଟୋ ମାଲିକଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରିବା ସହ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ଏକ ଲକ୍ଷ ଷାଠିଏ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଅଟୋ ମାଲିକ ରାଜି ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କାକିରିଗୁମା ପୋଲିସ କେସ୍ ନଂ. ୫୨/୨୪ ରେ ଏକ ମାମଲା ରୁଜୁ ସହ ଅଟୋ, ବାଇକ୍ ଜବତ କରି ତଦନ୍ତ କରୁଥିବା ଥାନାଧିକାରୀ ଉମ୍ବେରୁଧର ବଟ୍ରିଆ କହିଛନ୍ତି।




କ୍ଷତିପୂରଣ ଦାବିରେ ପରିବାର ଓ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

# ୨୫ ପରିବାରକୁ ଗୋଟିଏ ନଳକୂପ

- ପିଇବା, ଗାଧୋଇବା ସବୁ କାମ ପାଇଁ ଅଣ୍ଟୁନି ପାଣି
- ନଳକୂପ ଖରାପ ହେଲେ ପାଣି ପାଇଁ ଯିବାକୁ ପଡ଼ୁଛି ଅଧ କିଲୋମିଟର ଦୂର ଗାଁ
- ପୋଖରୀ ସହ ଆଉ ଗୋଟିଏ ନଳକୂପ ଖୋଳିବାକୁ ଦାବି

ଝରିଗାଁ,୧୮।୫(କିଶୋର ଚନ୍ଦ୍ର ମଣ୍ଡଳ)

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ପାନୀୟ ଜଳ ସଙ୍କଟ ଦେଖା ଦେଉଛି। ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଦାବି ଜଣାଇଲେ ମଧ୍ୟ ସମସ୍ୟା ସମାଧାନ ହେଉ ନ ଥିବା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଅଧୀନ କକଡ଼ାକାନାଡ଼ି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୨୫ ପରିବାରକୁ ଗୋଟିଏ ମାତ୍ର ନଳକୂପ। ବର୍ଷା ଓ ଶୀତ ଦିନରେ ସାମାନ୍ୟ ସମସ୍ୟା ହେଉଥିବା ବେଳେ ଖରା ଦିନରେ ତାହା ବଢ଼ିଯାଉଛି। ପାଣି କମିଗଲେ ଗ୍ରାମବାସୀ ଗାଁଠାରୁ ୭ଶହ ମିଟର ଦୂରରେ ଥିବା ଅନ୍ୟ ଏକ ଗ୍ରାମର ନଳକୂପ ଉପରେ ଭରସା କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

କକଡ଼ାକୋନାଡ଼ି ଗ୍ରାମରେ ୨୫ ପରିବାର ବସବାସ କରନ୍ତି। ଗାଁରେ ପୂର୍ବରୁ ପାନୀୟ ଜଳ ସମସ୍ୟା ଥିବାରୁ ଗ୍ରାମବାସୀଙ୍କ ଦାବି ପରେ ୧୨ ବର୍ଷ ତଳେ ପ୍ରଶାସନ ପକ୍ଷରୁ ଏକ ନୂତନ ନଳକୂପ ଖନନ କରାଯାଇଥିଲା। କିଛିବର୍ଷ ଠିକ୍‌ଠାକ୍ ପାଣି ବାହାରିଥିବାବେଳେ ୪ବର୍ଷ ହେବ ଖରା ଦିନରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ଖରା ଦିନ ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନାହିଁ। ଫଳରେ ପାନୀୟ ଜଳ ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି। ସେହିପରି ସକାଳୁ ସକାଳୁ ଗ୍ରାମର ମହିଳାମାନେ ପାଣି ନେବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ବେଳେବେଳେ ମହିଳାମାନଙ୍କ ମଧ୍ୟରେ ପାଣି ଟୋପାଏ ପାଇଁ ଝଗଡା ମଧ୍ୟ ହେଉଛି। ସେହିପରି ଖରା ଦିନ କୌଣସି କାରଣ ଯୋଗୁଁ ନଳକୂପ ଖରାପ ହେଲେ ମରାମତି ହେବା ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟା ହେଉଛି। ବିଶେଷ କରି ନଳକୂପ ଅଚଳ ହେଲେ କିମ୍ବା ନଳକୂପରୁ ଯଥେଷ୍ଟ ପାଣି ନବାହାରିଲେ ଗ୍ରାମବାସୀ ୭ ଶହ ମିଟର ଦୂରରେ ଥିବା ପୋଲୁଗୁଡା ଗ୍ରାମରୁ ପାଣି ଆଣୁଥିବା କହିଛନ୍ତି।

ସହିପରି ଗ୍ରାମରେ ପୋଖରୀ ନ ଥିବା ବେଳେ ପୋଖରୀଟିଏ ଖୋଳିବାକୁ ପ୍ରଶାସନ ନିକଟରେ ଦାବି କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାଫଳରେ ସମ୍ପୂର୍ଣ୍ଣ ଗ୍ରାମବାସୀ ଗୋଟାଏ ନଳକୂପରୁ ପିଇବା ଓ ନିତ୍ୟକର୍ମ ପାଇଁ ପାଣି ନେଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଗୋଟିଏ ନୂତନ ପୋଖରୀ ଓ ଆଉ ଗୋଟିଏ ନୂତନ ନଳକୂପ ଖନନ କରିବା ପାଇଁ ଗ୍ରାମର ସନାଏ ଭତରା, ସୁବାଏ ଭତରା, ବେଲମତି ଭତରା, ପଦ ଭତରା, ପୁନାଏ ଗୌଡ଼, ଅମ୍ବିକା ଗୌଡ଼, ବୁଧବାରୀ ଗୌଡ଼, ଗୋମତୀ ଗୌଡ଼, ଦଶରୀ ଗୌଡ଼, ମନକି ଗୌଡ଼,ସେବତୀ ଗୌଡ଼ ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ବିଡିଓ ପ୍ରୀତା କୁମାରଙ୍କ ସହ ଯୋଗାଯୋଗ କରିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।


କକଡ଼ାକୋନଡ଼ି ଗ୍ରାମର ମହିଳାମାନେ ପାଣି ପାଇଁ ନଳକୂପ ପାଖରେ ଅପେକ୍ଷା କରିଛନ୍ତି।

# ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ଅଭିଯୋଗ

**ଯାଞ୍ଚ କରି ପ୍ରମାଣପତ୍ର ରଦ୍ଦ କରିବାକୁ ଭତରା ବିକାଶ ପରିଷଦ ପକ୍ଷରୁ ଦାବି**

ଡାବୁଗାଁ,୧୮।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ଜାଲ ଜାତିଗତ ପ୍ରମାଣ ପତ୍ର ବାତିଲ କରିବା ନିମନ୍ତେ ଏକ ଦାବିପତ୍ର ଦିଆଯାଇଛି। ଡାବୁଗାଁ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ବିଶ୍ୱନାଥ ପାଣିଗ୍ରାହୀ ଦାବିପତ୍ର ଗ୍ରହଣ କରିଛନ୍ତି।

ଡାବୁଗାଁ ତହସିଲ ଅଧୀନ ଘୋଡାଖୁଣ୍ଟା ରାଜସ୍ୱ ମଣ୍ଡଳର ଜଣେ ମହିଳା କୌଶଳ କ୍ରମେ ଆଦିବାସୀ ଜାତି ପ୍ରମାଣ ପତ୍ର ହାତେଇ ବର୍ତ୍ତମାନ ଓଡ଼ିଶା ସବଅଡିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଅଧୀନରେ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଜଣେ ତନ୍ତ ସମ୍ପ୍ରଦାୟର । ଏ ନେଇ ଯୁଗ୍ମ ସଚିବ ଓଡ଼ିଶା ସବଅଡ଼ିନେଟ ଷ୍ଟାଫ୍ ସିଲେକସନ୍ କମିଶନ ପତ୍ର ସଂଖ୍ୟା ଆଇଆଇଇ ୩୭/୨୦୨୪/୭୪୨/ଓଏସ୍ଏସ୍ଏସ୍‌ସି ତା ୨/୦୫/୨୦୨୪ରିଖ ଅନୁସାରେ ଯୋଗ୍ୟ ବିବେଚିତ ହୋଇଛନ୍ତି ଏବଂ ତାଙ୍କ ଜାତି ପ୍ରମାଣ ପତ୍ର ଯାଞ୍ଚ କରିବା ନିମନ୍ତେ ଡାବୁଗାଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ତାଙ୍କର ଜାତିଗତ ପ୍ରମାଣ ପତ୍ର ରଦ୍ଦ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଡାବୁଗାଁ ବ୍ଲକ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ସଭାପତି ମୋହନ ନାୟକ, ସମ୍ପାଦକ ରାଇସିଂ ପୂଜାରୀ, ମୋହନ ନାୟକ, ହିରଣ୍ୟ ମାଝି, ଦୟାନିଧି ବଞ୍ଜରା, ମଙ୍ଗରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।


କୋରାପୁଟ ଜିଲା ଦାମନଯୋଡି ଉପକଣ୍ଠସ୍ଥ ନାଲ୍‌କୋ ବିସ୍ଥାପିତ କଣ୍ଟାଗୁଡ଼ା କଲୋନିସ୍ଥିତ ତ୍ରିନାଥ ମନ୍ଦିରଠାରେ ଅଷ୍ଟମ ପ୍ରହର ନାମଯଜ୍ଞ ଚାଲୁଛି। (ଫଟୋ–ମାନସ ରଞ୍ଜନ କର)

## ମହିଳାଙ୍କୁ ପ୍ରତାରଣା ଅଭିଯୋଗ

ବ୍ରହ୍ମପୁର,୧୮।୫(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ମହିଳାଙ୍କୁ ପ୍ରତାରଣା କରାଯାଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ତାଙ୍କ ସ୍ୱାମୀ ତାଙ୍କୁ ମିଛ କହି ଦ୍ୱିତୀୟ ବିବାହ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ନିମଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଜଗତସିଂହପୁର ଜିଲା ରେମୁଣା ଅଞ୍ଚଳର ଜଣେ ମହିଳାଙ୍କୁ ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ଜଣେ ବ୍ୟକ୍ତି ବିବାହ କରିଥିଲେ। ଉଭୟଙ୍କ ଏକ ପୁତ୍ର ସନ୍ତାନ ରହିଛି । ତେବେ ବିବାହ ପୂର୍ବରୁ ତାଙ୍କର ପ୍ରଥମ ସ୍ତ୍ରୀ'ଙ୍କ ସହ ଛାଡ଼ପତ୍ର ହୋଇସାରିଛି ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ଦିତ୍ୱୀୟ ସ୍ତ୍ରୀ'ଙ୍କୁ କହିଥିଲେ। ଏପରିକି ସେ ହାଇଦ୍ରାବାଦରେ ରହି କାମ କରୁଥିବା ଜଣାଇଥିଲେ। ସେହିକ୍ରମରେ ଅଭିଯୋଗକାରୀ ମହିଳା ଜଣଙ୍କ ନିଜ ପୁଅ ସହ ଆଜକୁ ବର୍ଷାଧିକ କାଳ ହେବ ଏକାକୀ ରହୁଥିଲେ। ହେଲେ ତାଙ୍କ ସନ୍ଦେହ ହେବାରୁ କିଛି ଦିନ ତଳେ ସେ ଜଗଦଳପୁରକୁ ଆସିଥିଲେ। ସେଠାରେ ପହଞ୍ଚି ଦେଖିବା ପରେ ତାଙ୍କ ସ୍ୱାମୀ ନିଜ ପ୍ରଥମ ସ୍ତ୍ରୀ'ଙ୍କ ସହ ରହୁଥିବା ଜାଣିବାକୁ ପାଇଥିଲେ। ଏପରିକି ସେ ଯେଉଁ ଛାଡ଼ପତ୍ର ସମ୍ପର୍କିତ କାଗଜପତ୍ର ଦେଖାଇଥିଲେ ତାହା ନକଲି ବୋଲି ଜଣାପଡିଥିଲା । ଏ ନେଇ ମହିଳା ଜଣଙ୍କ ନିଜ ସ୍ୱାମୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ ତାଙ୍କୁ ହତ୍ୟା ଧମକ ଦେବା ସହ ଏହି ଅଞ୍ଚଳ ଛାଡ଼ି ଚାଲିଯିବାକୁ କହିଥିଲେ। ତେଣୁ ପ୍ରତାରଣାର ଶିକାର ହୋଇଥିବା ମହିଳା ଜଣଙ୍କ ଜାଣିବା ପରେ ସେ ତାଙ୍କ ସ୍ୱାମୀଙ୍କ ବିରୋଧରେ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା କହିଛି।

# ମିଳୁନି କାମ, ଭିଟାମାଟି ଛାଡ଼ିଲେ ଗ୍ରାମବାସୀ

ଦଶମନ୍ତପୁର,୧୮।୫(ଅରବିନ୍ଦ ନାୟକ)

ଅଞ୍ଚଳରେ କୌଣସି କାମଧନ୍ଦା ନ ମିଳିବାରୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନ ଟିକିରିଗୁଡା ଗ୍ରାମର କେତେଜଣ ଯୁବକ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି। ଶ୍ରମିକ ଦଲାଲଙ୍କ ଅର୍ଥ ପ୍ରଲୋଭନରେ ପଡ଼ି ୫ ଜଣ ଯୁବକ ତଥା ବିଟୁ ସାଉନ୍ତା, ରୂପା ସାଉନ୍ତା, ସମିତ ସାଉନ୍ତା, ଇଦ ସାଉନ୍ତା ଏବଂ ରେଙ୍ଗୁ ସାଉନ୍ତା ରାୟପୁର ସହରକୁ ଦାଦନ ଖଟିବାକୁ ଯାଉଥିବା ଜଣାପଡ଼ିଛି। ନିଜ ଅଞ୍ଚଳରେ କୌଣସି କାମଧନ୍ଦା ନାହିଁ। ତେଣୁ ରୋଜଗାର ଆଶାରେ ଆମେ ନିଜ ଭିଟାମାଟି ଛାଡ଼ିବାକୁ ବାଧହେଉଛୁ ବୋଲି ଯୁବକମାନେ କହିଛନ୍ତି। ଆମ ଗାଁରେ ଯଦିଓ କୁଲି ମଜୁରି କରୁ, ତେବେ ଆମକୁ ସ୍ଥାନୀୟ ଠିକାଦାରମାନେ ନିୟମ ମୁତାବକ ପାରିଶ୍ରମିକ ଦେଉ ନ ଥିବା ସେମାନେ କହିଛନ୍ତି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଲୋକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପକ୍ଷରୁ କାମ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


କାମ ପାଇଁ ରାୟପୁର ଅଭିମୁଖେ ବାହାରିଥିବା ଯୁବକମାନେ।

# ଜାତୀୟ କରାଟେରେ ଦିବେଶ୍, ଅଦିତିଙ୍କୁ ବ୍ରୋଞ୍ଜ

ସେମିଳିଗୁଡା/ସୁନାବେଡା,୧୮।୫
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଉତ୍ତରାଖଣ୍ଡ ଡେରାଡୁନରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ସେମିଳିଗୁଡ଼ା କରାଟେ ସ୍କୁଲ୍‌ର କରାଟେକା ଦିବେଶ କୁମାର ବରାଡ଼ ଓ ଅଦିତି ପାଣିଗ୍ରାହୀ କୁମିତୋ (ଫାଇଟିଙ୍ଗ)ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେମିଳିଗୁଡା କରାଟେ ସ୍କୁଲର କୋଚ୍ ସେନସେଇ ରାଜେନ୍ଦ୍ର କେଶରୀ ସାମଲ ଜାତୀୟ ରେଫେରି ଭାବେ ଯୋଗଦେଇଥିଲେ। କୋଚ୍ ଓ ଖେଳାଳି ଅଞ୍ଚଳ ପାଇଁ ଗୌରବ ଆଣିଦେଇଥିବା କହି ଉତ୍କଳ କରାଟେ ସ୍କୁଲ ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ସେକ୍ରେଟାରି ଗୌରୀ ମହାନ୍ତି, ଦୁର୍ଗା ପ୍ରସାଦ ଶୁଭେଚ୍ଛା ଜଣାଇଛନ୍ତି।



କୋଚ୍‌ଙ୍କ ସହ ଦିବେଶ ଓ ଅଦିତି।

# ବଢୁଛି ଚାହିଦା, ମକା ଚାଷ କରି ଚାଷୀ ସ୍ୱାବଲମ୍ବୀ

ନବରଙ୍ଗପୁର, ୧୮।୫
(ସଦାଶିବ ପ୍ରହରାଜ)

ମକା ଚାଷ ପାଇଁ ସରକାରୀ ପ୍ରୋତ୍ସାହନ, ସହାୟତା ଓ ପରାମର୍ଶ ରୋଜଗାର ବାଟ ଦେଖାଇଛି। କୃଷି କାର୍ଯ୍ୟ ପ୍ରତି ଆଗ୍ରହ ସୃଷ୍ଟି କରାଯାଉଛି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚିକିଲି ଗାଁର ଚାଷୀ ମକା ଚାଷ କରି ଏବେ ସ୍ୱାବଲମ୍ବୀ ହେଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚିକିଲି ମା' କଙ୍କାଲୁଣି ଜୀବିକା ପରିଷଦରେ ୬୫ ଚାଷୀ ଅଛନ୍ତି। ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜୀବିକା ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ଚାଷୀଙ୍କୁ ୮ କିଲୋ ମକା ବିହନ, ୫୦ କିଲୋ ଜୈବିକ ସାର, ୧ ଲିଟର ଲିମ୍ବ ତେଲ, ଆବଶ୍ୟକ ଅନୁସାର କୀଟନାଶକ ପ୍ରଦାନ କରାଇଥିଲା। ୬୫ ଜଣ ଚାଷୀ ୬୬ ଏକର ଜମିରେ ଚାଷ କରିଥିଲେ। ଚଳିତ ବର୍ଷ ଚାଷୀ କୁଇଣ୍ଟାଲ ପିଛା ୨୧୦୦ ଟଙ୍କାରେ ମକା ବିକ୍ରି କରିଛନ୍ତି। ମକାର ବଜାର ଚାହିଦା ରହିଥିବାରୁ ବ୍ୟବସାୟୀ ଚାଷୀଙ୍କ ଘରକୁ ଆସି ମକା କିଣି ନେଉଛନ୍ତି। ତେବେ ୨୦୨୩ –୨୪ ରବି ଋତୁରେ ଆଇଟିଡିଏ ପକ୍ଷରୁ ପ୍ରତି ଚାଷୀଙ୍କୁ ଏକରେ ଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ପ୍ରତି ଏକର ପିଛା ଚାଷୀ ୨୫ କୁଇଣ୍ଟାଲ ମକା ଉତ୍ପାଦନ କରି ପ୍ରାୟ ୫୨ ହଜାର ୫ଶହ ଟଙ୍କା ରୋଜଗାର କଲେ। ପାରିଶ୍ରମିକ ଓ ଖର୍ଚ୍ଚ ବାବଦକୁ ଟଙ୍କା କଟିଲେ ମଧ୍ୟ ୪୧ ହଜାର ୫ ଶହ ଟଙ୍କା ଜଣେ ଚାଷୀ ଲାଭ ପାଇଛନ୍ତି। ସରକାରଙ୍କ ପ୍ରୋତ୍ସାହନ ଚାଷୀଙ୍କ ଆର୍ଥିକ ମାନ ବୃଦ୍ଧି କରିପାରିଛି ବୋଲି କୃଷକ ସଦାଶିବ ପୂଜାରୀ ଓ ତମ୍ବରୁ ଭତରା କହିଛନ୍ତି।


ଜଣେ ଚାଷୀ ଅମଳ କରିଥିବା ମକା ଫସଲ।

# ୧୦୦ ପ୍ରଶିକ୍ଷାର୍ଥୀଙ୍କୁ ୨ ପ୍ରଶିକ୍ଷକ

ଉମରକୋଟ, ୧୮।୫(ସନ୍ତୋଷ ଶତପଥୀ)

ରାଜ୍ୟ ସରକାର ଅନୁସୂଚିତ ଜାତି ଜନଜାତିଙ୍କ ଉନ୍ନତି ପାଇଁ ଯୋଜନା କରୁଛନ୍ତି। କିନ୍ତୁ ପିଲାଙ୍କ ପାଠପଢ଼ା ଚୁଲିକୁ ଯିବାକୁ ବସିଲାଣି। ପିଲାଙ୍କୁ ଉନ୍ନତ ଶିକ୍ଷା ଯୋଗାଇ ଦେବାକୁ ସରକାର ଭିତ୍ତିଭୂମି ସୁଧାରୁଛନ୍ତି। କିନ୍ତୁ ଯେଉଁ ଅନୁଷ୍ଠାନରୁ ସେହି ପିଲାଙ୍କୁ ପାଠ ପଢାଇବାକୁ ଶିକ୍ଷୟିତ୍ରୀ ଶିକ୍ଷକ ତିଆରି ହୁଅନ୍ତି ସେହି ଅନୁଷ୍ଠାନକୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି।

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ସରକାରୀ ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ରାଜ୍ୟ ସରକାରଙ୍କ ନିୟମ ହେଲା ନବରଙ୍ଗପୁର ଜିଲାର ଅନୁସୂଚିତ ଜାତି ଓ ଜନ ଜାତିର ମେଧାବୀ ଛାତ୍ରୀଛାତ୍ର ଏହି ଅନୁଷ୍ଠାନରୁ ତାଲିମ ଗ୍ରହଣ କରିବେ। ଏଠାରେ ଅଧକ୍ଷଙ୍କ ସମେତ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇବା କଥା। କିନ୍ତୁ ଜଣେ ଶିକ୍ଷୟିତ୍ରୀ ଓ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା ଜଣେ ଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି। ଯେଉଁଠାରେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରିବା କଥା ସେଠାରେ ୨ଜଣ ପ୍ରଶିକ୍ଷକ କିପରି ପାଠ ପଢାଇବେ ତାକୁ ନେଇ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଉମରକୋଟ ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ପ୍ରାୟ ୨ ବର୍ଷ ହେବ ଶିକ୍ଷାଦାନ ପୂରା ବିପର୍ଯ୍ୟସ୍ତ ହୋଇ ପଡିଛି। ଛାତ୍ରୀଛାତ୍ର ଜିଲାର କୋଣ ଅନୁକୋଣରୁ ପାଠ ପଢିବା ପାଇଁ ଆସୁଛନ୍ତି କିନ୍ତୁ କ୍ଲାସ ହେଉନାହିଁ। ତେଣୁ କୋର୍ସ ମଧ୍ୟ ସରୁନାହିଁ। ଗତ ବର୍ଷ ରାଜ୍ୟ ସରକାର ସମଗ୍ର ଓଡ଼ିଶାରେ ଥିବା ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଗ୍ରହଣ କରି ନ ଥିଲେ। କିନ୍ତୁ ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କ ନାମ ଲେଖାଇ ଥିଲେ। ଫଳରେ ଉମରକୋଟରେ ଥିବା ଏହି ଅନୁଷ୍ଠାନରେ ବର୍ତ୍ତମାନ ୧୦୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ୧୯୬୦ରେ ଏହି ଅନୁଷ୍ଠାନରେ ଛାତ୍ରାବାସ ତିଆରି ହୋଇଥିଲା। ଯାହାକି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଠାରେ ଛାତ୍ରମାନେ ରହୁଛନ୍ତି। ଛାତ୍ରୀମାନଙ୍କ ପାଇଁ କୌଣସି ହଷ୍ଟେଲ ସୁବିଧା ନାହିଁ। ଫଳରେ ଗରିବ ମେଧାବୀ ଛାତ୍ରୀମାନେ ଉମରକୋଟ ସହରରେ ଭଡ଼ା ଘରେ ରହି ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ରାଜ୍ୟ ସରକାର ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଦାବି ହେଉଛି।

**ଉମରକୋଟ ସରକାରୀ ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ**

- ଜରାଜୀର୍ଣ୍ଣ ଅବସ୍ଥାରେ ଛାତ୍ରାବାସ
- ଛାତ୍ରୀମାନଙ୍କ ପାଇଁ ନାହିଁ ହଷ୍ଟେଲ ସୁବିଧା


ସରକାରୀ ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଛାତ୍ରାବାସ।

